କେରଳ ରାଜ୍ୟ ବିଦ୍ୟୁତ ମଣ୍ଡଳ ଏବଂ ଅନ୍ୟଜଣେ

ବନାମ

ଭାଲସାଲା କେ. ଏବଂ ଅନ୍ୟଜଣେ ଇତ୍ୟାଦି ଇତ୍ୟାଦି

ସେପ୍ଟେମ୍ବର 16,1999

[ଡଃ ଏ.ଏସ୍. ଆନନ୍ଦ, ମୁଖ୍ୟ ନ୍ୟାୟାଧୀଶ, ଏସ୍. ରାଜେନ୍ଦ୍ର ବାବୁ ଏବଂ ଆର୍.ସି. ଲାହୋଟୀ, ନ୍ୟାୟମୂର୍ତ୍ତିଦ୍ୱୟ]

*ଶ୍ରମ ଆଇନ:*

*ଶ୍ରମିକ କ୍ଷତିପୂରଣ ଅଧିନିୟମ, 1923:*

*ଧାରା 4 ଏବଂ 4A ଗୁଡ଼ିକ — ଅଧିନିୟମ 30/1995 ଦ୍ୱାରା ସଂଶୋଧନ—15.9.1995 ଠାରୁ କ୍ଷତିପୂରଣ ରାଶି ଏବଂ ସୁଧ ହାର ବୃଦ୍ଧି—15.9.1995 ପୂର୍ବରୁ ଘଟିଥିବା ଅପ୍ରତ୍ୟାଶିତ ଘଟଣାରୁ ଉପୁଜିଥିବା ମାମଲାରେ ସଂଶୋଧନର ପ୍ରଯୁଜ୍ୟତା—ଦର୍ଶାଯାଇଛି, କ୍ଷତିପୂରଣ ହାର ନିର୍ଦ୍ଧାରଣ ପାଇଁ ପ୍ରାସଙ୍ଗିକ ତାରିଖ, ଅପ୍ରତ୍ୟାଶିତ ଘଟଣାର ତାରିଖ ଅଟେ ଏବଂ ଦାବିର ନ୍ୟାୟ ନିର୍ଣ୍ଣୟର ତାରିଖ ନୁହେଁ—ତଥାପି, ଏହି ମାମଲାରେ, ମାମଲାର ନିର୍ଦ୍ଦିଷ୍ଟ ତଥ୍ୟ ଏବଂ ପରିସ୍ଥିତିକୁ ଦୃଷ୍ଟିରେ ରଖି, ସମ୍ପୃକ୍ତ ପରିମାଣର କ୍ଷୁଦ୍ରତା ଏବଂ ସେବେଠାରୁ ସମାପ୍ତ ହୋଇଥିବା ସମୟକୁ ଦୃଷ୍ଟିରେ ରଖି, ସଂଶୋଧନ, 1995 ଆଧାରରେ ପାରିତ ହୋଇଥିବା ଆକ୍ଷେପିତ ଆଦେଶରେ ହସ୍ତକ୍ଷେପ କରାଯିବ ନାହିଁ ।*

*ପ୍ରତାପ ନାରାୟଣ ସିଂ ଦେଓ ବନାମ ଶ୍ରୀନିବାସ ସାବତ ଏବଂ ଅନ୍ୟଜଣେ,* **[1976] 1 SCC 289, ଭରସା କରାଯାଇଛି ।**

*ୟୁନାଇଟେଡ୍ ଇଣ୍ଡିଆ ଇନସ୍ୟୁରାନ୍ସ କୋ. ଲିମିଟେଡ ବନାମ ଆଲାଭି,* **(1998) 1 KLT 951, ଅନୁମୋଦିତ ହୋଇଛି ।**

ଦେୱାନୀ ଅପିଲ କ୍ଷେତ୍ରାଧିକାର: ସ୍ୱତନ୍ତ୍ର ଅନୁମତି ଆବେଦନ (ସି) ସଂଖ୍ୟା 21613/1997 ଇତ୍ୟାଦି ।

ଏମ୍.ଏଫ୍.ଏ. ସଂଖ୍ୟା 570/1997ରେ କେରଳ ଉଚ୍ଚ ନ୍ୟାୟାଳୟର ତା9.9.97ରିଖର ରାୟ ଏବଂ ଆଦେଶରୁ ।

ଉପସ୍ଥିତ ପକ୍ଷମାନଙ୍କ ପାଇଁ ପି. କୃଷ୍ଣମୂର୍ତ୍ତି, ଟି.ଜି.ଏନ୍. ନାଏର, ରୋମି ଚାକୋ, ସୁଶ୍ରୀ ଭି. ମୋହନା, ରମେଶ ବାବୁ ଏମ୍.ଆର୍., ସୁଶ୍ରୀ ମାଲିନୀ ପୋଡୁଭାଲ, ସୁଶ୍ରୀ କେ. ସାରଦା ଦେବୀ, ବି.ଭି. ଦୀପକ, କେ.ଏମ୍.କେ. ନାଏର, ଏସ୍.କେ. ପଲ୍, ସଲିଲ ପଲ୍ ଏବଂ ସୁଶ୍ରୀ ଇନ୍ଦିରା ସାହନୀ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଏହି ବିଶେଷ ଅନୁମତି ଆବେଦନରେ ଜଡ଼ିତ ମୁଖ୍ୟ ପ୍ରଶ୍ନ ହେଉଛି, 15.9.1995 ଠାରୁ କ୍ଷତିପୂରଣ ରାଶି ଏବଂ ସୁଧ ହାର ବୃଦ୍ଧି କରୁଥିବା ଅଧିନିୟମ ସଂଖ୍ୟା 30/1995 ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ଶ୍ରମିକ କ୍ଷତିପୂରଣ ଅଧିନିୟମ, 1923ର ଧାରା 4 ଏବଂ 4Aର ସଂଶୋଧନ, ସେହି ମାମଲା ପ୍ରତି ଆକର୍ଷିତ ହେବ କି ଯେଉଁଠାରେ ନିଯୁକ୍ତି ସମୟରେ ଘଟିଥିବା ଅପ୍ରତ୍ୟାଶିତ ଘଟଣା କାରଣରୁ ମୃତ୍ୟୁ କିମ୍ବା ସ୍ଥାୟୀ ଅକ୍ଷମତା ସମ୍ବନ୍ଧୀୟ ଦାବି 15.9.1995 ପୂର୍ବରୁ ଘଟିଥିଲା ?

ଦେଶର ବିଭିନ୍ନ ଉଚ୍ଚ ନ୍ୟାୟାଳୟ, ଶ୍ରମିକ କ୍ଷତିପୂରଣ ଅଧିନିୟମ ଅନୁଯାୟୀ କ୍ଷତିପୂରଣ ଦାବି ଉପରେ ବିଚାର କରୁଥିବାବେଳେ ସମାନ ଭାବରେ ଏହି ମତ ଦେଇଛନ୍ତି ଯେ, ପକ୍ଷମାନଙ୍କ ଅଧିକାର ଏବଂ ଦାୟିତ୍ୱ ନିର୍ଦ୍ଧାରଣ ପାଇଁ ପ୍ରାସଙ୍ଗିକ ତାରିଖ, ଅପ୍ରତ୍ୟାଶିତ ଘଟଣାର ତାରିଖ ଅଟେ ।

ନ୍ୟାୟମୂର୍ତ୍ତି ସିଂହଲଙ୍କ ମାଧ୍ୟମରେ ଏହି ନ୍ୟାୟାଳୟର ଏକ ଚାରିଜାଣିଆ ବିଚାରପୀଠ, *ପ୍ରତାପ ନାରାୟଣ ସିଂ ଦେଓ ବନାମ ଶ୍ରୀନିବାସ ସାବତ ଏବଂ ଅନ୍ୟଜଣେ,* [1976] 1 289 SCC ମାମଲାରେ ଦର୍ଶାଇଛନ୍ତି ଯେ, ନିଯୁକ୍ତିରୁ ଏବଂ ନିଯୁକ୍ତି ସମୟରେ ଘଟିଥିବା ଅପ୍ରତ୍ୟାଶିତ ଘଟଣା ଦ୍ୱାରା ଶ୍ରମିକମାନଙ୍କୁ ବ୍ୟକ୍ତିଗତ ଆଘାତ ଲାଗିବା ମାତ୍ରେ ଜଣେ ନିଯୁକ୍ତିଦାତା କ୍ଷତିପୂରଣ ଦେବାକୁ ଉତ୍ତରଦାୟୀ ଅଟନ୍ତି । ତେଣୁ, କ୍ଷତିପୂରଣ ହାର ନିର୍ଦ୍ଧାରଣ ପାଇଁ ପ୍ରାସଙ୍ଗିକ ତାରିଖ, ଅପ୍ରତ୍ୟାଶିତ ଘଟଣାର ତାରିଖ ଅଟେ, ଦାବିର ନ୍ୟାୟ ନିର୍ଣ୍ଣୟର ତାରିଖ ନୁହେଁ ।

ତଥାପି 6.11.1996ରେ ନିଷ୍ପତ୍ତି ହୋଇଥିବା *ଦ ନ୍ୟୁ ଇଣ୍ଡିଆ ଆସ୍ୟୁରାନ୍ସ କମ୍ପାନୀ ଲିମିଟେଡ ବନାମ ଭି.କେ. ନୀଳକନ୍ଦନ ଏବଂ ଅନ୍ୟମାନେ ଇତ୍ୟାଦି ଇତ୍ୟାଦି* —ଦେୱାନୀ ଅପିଲ ସଂଖ୍ୟା 16904-16906/1996 ମାମଲାରେ ଏହି ନ୍ୟାୟାଳୟଙ୍କର ଦୁଇ ଜଣିଆ ବିଚାରପୀଠ ମତ ଦେଇଥିଲେ ଯେ, ଶ୍ରମିକ କ୍ଷତିପୂରଣ ଅଧିନିୟମ, ଶ୍ରମିକମାନଙ୍କ ସୁବିଧା ପାଇଁ ଏକ ସ୍ୱତନ୍ତ୍ର ବିଧାନ

ହୋଇଥିବାରୁ, ଅପ୍ରତ୍ୟାଶିତ ଘଟଣା ତାରିଖରେ ପ୍ରଦାନ କରାଯାଉଥିବା କ୍ଷତିପୂରଣ ନୁହେଁ, ନ୍ୟାୟ ନିର୍ଣ୍ଣୟ ତାରିଖରେ ଉପଲବ୍ଧ ସୁବିଧାକୁ ଶ୍ରମିକମାନଙ୍କୁ ପ୍ରଦାନ କରାଯିବା ଉଚିତ । ତଥାପି, *ନୀଳକନ୍ଦନ* (ପୂର୍ବୋକ୍ତ)ଙ୍କ ମାମଲାରେ ଦୁଇ ଜଣିଆ ବିଚାରପୀଠ, *ପ୍ରତାପ ନାରାୟନ ସିଂ ଦେଓଙ୍କ* ମାମଲାରେ ବୃହତ୍ତର ବିଚାରପୀଠଙ୍କ ରାୟ ଉପରେ ଧ୍ୟାନ ଦେଇନଥିଲେ, କାରଣ ଏହା ସମ୍ଭବତଃ ସେମାନଙ୍କ ପ୍ରଭୁତ୍ୱଙ୍କ ଦୃଷ୍ଟିକୁ ଅଣାଯାଇ ନଥିଲା । ଯାହା ହେଉ, *ପ୍ରତାପ ନାରାୟଣ ସିଂ ଦେଓଙ୍କ* ମାମଲାରେ ବୃହତ୍ତର ବିଚାରପୀଠଙ୍କ ଦ୍ୱାରା ନିର୍ଦ୍ଧାରିତ ସ୍ୱତନ୍ତ୍ର ଆଇନକୁ ଦୃଷ୍ଟିରେ ରଖି *ନୀଳକନ୍ଦନଙ୍କ* ମାମଲାରେ ଦୁଇ ଜଣିଆ ବିଚାରପୀଠ ଦ୍ୱାରା ପ୍ରକାଶ ପାଇଥିବା ମତ ଠିକ ନୁହେଁ ।

*ୟୁନାଇଟେଡ୍ ଇଣ୍ଡିଆ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ ବନାମ ଆଲାଭି,* (1998) 1 KLT 951 (FB) ମାମଲାରେ କେରଳ ଉଚ୍ଚ ନ୍ୟାୟାଳୟର ପୂର୍ଣ୍ଣ ବିଚାରପୀଠ ଦେଇଥିବା ଏକ ରାୟ ପ୍ରତି ମଧ୍ୟ ଆମର ଦୃଷ୍ଟି ଆକର୍ଷଣ କରାଯାଇଛି, ଯେଉଁଥିରେ ପୂର୍ଣ୍ଣ ବିଚାରପୀଠ ସମାନ ପ୍ରଶ୍ନ ଉପରେ ଯଥାର୍ଥ ବିଚାର କରିଥିଲେ ଏବଂ ଉପରୋକ୍ତ ଉଭୟ ଉଲ୍ଲେଖନୀୟ ରାୟକୁ ଅନୁଧ୍ୟାନ କରିଥିଲେ । ସେ ମତ ଦେଇଥିଲେ ଯେ, ଆହତ ଶ୍ରମିକମାନେ, ଶ୍ରମିକ କ୍ଷତିପୂରଣ ଅଧିନିୟମର ବ୍ୟବସ୍ଥା ଦ୍ୱାରା ବିଚାର କରାଯାଇଥିବା ପ୍ରକାରେ ବ୍ୟକ୍ତିଗତ ଆଘାତ ଭୋଗଇଥିବା ମୁହୂର୍ତ୍ତରେ କ୍ଷତିପୂରଣ ପାଇବାକୁ ହକଦାର ହୁଅନ୍ତି ଏବଂ ଏହା ଅପ୍ରତ୍ୟାଶିତ ଘଟଣା ତାରିଖରେ ଦେୟ କ୍ଷତିପୂରଣର ପରିମାଣ ଅଟେ ଏବଂ 1995ରେ କରାଯାଇଥିବା ସଂଶୋଧନ କାରଣରୁ ଦେୟ କ୍ଷତିପୂରଣର ପରିମାଣ ନୁହେଁ, ଯାହା ପ୍ରାସଙ୍ଗିକ ଅଟେ । *ପ୍ରତାପ ସିଂ ନାରାୟଣ ସିଂ ଦେଓ ବନାମ ଶ୍ରୀନିବାସ ସାବତ ଏବଂ ଅନ୍ୟଜଣେ* (ପୂର୍ବୋକ୍ତ) ମାମଲାରେ ଏହି ନ୍ୟାୟାଳୟର ବୃହତ୍ତର ବିଚାରପୀଠଙ୍କ ରାୟ ସହିତ ସୁସଂଗତ ଥିବା ପର୍ଯ୍ୟନ୍ତ କେରଳ ଉଚ୍ଚ ନ୍ୟାୟାଳୟର ପୂର୍ଣ୍ଣ ବିଚାରପୀଠଙ୍କ ନିଷ୍ପତ୍ତି ସଠିକ ଆଇନ ସ୍ଥିର କରେ ଏବଂ ଆମେ ଏହାକୁ ଅନୁମୋଦନ କରୁଛୁ ।

ରାୟର ପୂର୍ବ ଭାଗରେ ନକାରାତ୍ମକ ଭାବରେ ପଚରାଯାଇଥିବା ପ୍ରଶ୍ନର ଉତ୍ତର ଦେବା ପରେ, ଆମେ ବିଶେଷ ଅନୁମତି ଆବେଦନର ଏହି ସମୂହକୁ ବିଚାର ପାଇଁ ଗ୍ରହଣ କରିବୁ ।

ଏହି ବିଶେଷ ଅନୁମତି ଆବେଦନ ଜଡ଼ିତ ଥିବା ପର୍ଯ୍ୟନ୍ତ ଆମେ ଦେଖୁଛୁ ଯେ, ଏହି ଅପ୍ରତ୍ୟାଶିତ ଘଟଣା ବହୁ ପୂର୍ବରୁ ଘଟିଥିଲା । 1995ରେ କରାଯାଇଥିବା ସଂଶୋଧନ ପୂର୍ବରୁ ଆଇନ ଅନୁଯାୟୀ, ନିଯୁକ୍ତ ଥିବା ସମୟରେ ଅପ୍ରତ୍ୟାଶିତ ଘଟଣା ଘଟିଥିବା ନେଇ ବିବାଦ ନଥିବା ହେତୁ ଶ୍ରମିକମାନଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଇଥିଲା । ଏହି ମାମଲାଗୁଡ଼ିକର ସ୍ୱତନ୍ତ୍ର ତଥ୍ୟ ଏବଂ

ପରିସ୍ଥିତିକୁ ଧ୍ୟାନରେ ରଖି, ପ୍ରତ୍ୟେକ ମାମଲାରେ ଜଡ଼ିତ ପରିମାଣର କ୍ଷୁଦ୍ରତା ଏବଂ ସେବେଠାରୁ ବିତିଯାଇଥିବା ସମୟକୁ ଦୃଷ୍ଟିରେ ରଖି, ଆମେ ଭାରତର ସମ୍ବିଧାନର ଅନୁଚ୍ଛେଦ 136 ଅନୁଯାୟୀ ଆମର କ୍ଷେତ୍ରାଧିକାର ପ୍ରୟୋଗ କରି, 1995 ସଂଶୋଧନ ଆଧାରରେ ନିଷ୍ପତ୍ତି ନିଆଯାଇଥିବା ଆକ୍ଷେପିତ ଆଦେଶରେ ହସ୍ତକ୍ଷେପ କରିବାକୁ ଚାହୁଁ ନାହୁଁ ଏବଂ ଯେପରି ଉପରେ ଉଲ୍ଲେଖ କରାଯାଇଥିବା ଭଳି, ଆଇନକୁ ସ୍ପଷ୍ଟ କରିବା ପରେ, ସ୍ୱତନ୍ତ୍ର ଅନୁମତି ଆବେଦନକୁ ଖାରଜ କରୁଛୁ ।

*ଦେୱାନୀ ଅପିଲ ସଂଖ୍ୟା 5962/1997*

ବିଶେଷ ଅନୁମତି ଦ୍ୱାରା ଏହି ଅପିଲ, କେରଳ ଉଚ୍ଚ ନ୍ୟାୟାଳୟର ତା22.10.1996ରିଖର ରାୟ ଉପରେ ଆପତ୍ତି କରିଛି । ଆମେ ପକ୍ଷମାନଙ୍କ ବିଜ୍ଞ ଅଧିବକ୍ତାଙ୍କୁ ଶୁଣିଛୁ । ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିଆଯାଇଥିବା ମତ ଅପ୍ରତ୍ୟାଶିତ ଅଟେ ଏବଂ ଏହା *ପ୍ରତାପ ନାରାୟଣ ସିଂ ଦେଓ ବନାମ ଶ୍ରୀନିବାସ ସାବତ ଏବଂ ଅନ୍ୟଜଣେ,* [1976] 1 SCC 289 ମାମଲାରେ ଏହି ନ୍ୟାୟାଳୟର ରାୟ *ଏବଂ ୟୁନାଇଟେଡ୍ ଇଣ୍ଡିଆ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ ବନାମ ଅଲାଭି,* (1998) 1 KLT 951 (FB) ମାମଲାରେ କେରଳ ଉଚ୍ଚ ନ୍ୟାୟାଳୟର ପୂର୍ଣ୍ଣ ବିଚାରପୀଠଙ୍କ ରାୟ ସହିତ ସୁସଂଗତ ଅଟେ । ଏହି ଅପିଲର କୌଣସି ଯୋଗ୍ୟତା ନାହିଁ । ଏହାକୁ ଖାରଜ କରିଦିଆଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଆର୍.ପି.   ଅପିଲ ଆବେଦନଗୁଡ଼ିକୁ ଖାରଜ କରାଗଲା ।

**କେରଳ ରାଜ୍ୟ ବିଦ୍ୟୁତ ମଣ୍ଡଳ ବନାମ ଭାଲସାଲା କେ.**

<u>ଅସ୍ୱୀକରଣ</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଅନୁବାଦକ

ଆଦିତ୍ୟ ପ୍ରସାଦ ମିଶ୍ର

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।